1st Sem

I-UG-C$_1$-Maj-ODI-I

2024

Full Marks - 100

Time - 3 hours

The figures in the right-hand margin indicate marks

Answer *all* questions

Part-I

୧. ନିମ୍ନୋକ୍ତ ଗୁଡ଼ିକର ଉତ୍ତର ଗୋଟିଏ ଶବ୍ଦ ଅଥବା ଗୋଟିଏ ବାକ୍ୟରେ ପ୍ରଦାନ କର : ୧ × ୧୦

କ) ଧାତୁ ସିଦ୍ଧାନ୍ତ ବା ଅନୁରଣନ ସିଦ୍ଧାନ୍ତର ପ୍ରଥମ ସ୍ପଷ୍ଟରୂପ ପ୍ରଦାନକାରୀ କିଏ ?

ଖ) ଇଙ୍ଗିତବାଦ ବା ଲଗ୍‌ଭଗ୍ ଥିଓରୀର ପ୍ରଥମ ପ୍ରତିଷ୍ଠାତା କିଏ ?

ଗ) ଭାବାବେଗ ସିଦ୍ଧାନ୍ତ ବା ମନୋଭାବାଭିବ୍ୟକ୍ତି ସିଦ୍ଧାନ୍ତର ପ୍ରଥମ ସନ୍ଧାନକାରୀ କିଏ ?

ଘ) ସଂଗୀତ ସିଦ୍ଧାନ୍ତକୁ ପ୍ରତିପାଦିତ କରିବା ପାଇଁ ଜେସ୍ପର୍ସନ୍ କେଉଁ ତତ୍ତ୍ୱର ସାହାଯ୍ୟ ନେଇଛନ୍ତି ?

ଙ) ପୃଥିବୀର ଦ୍ୱିତୀୟ ସର୍ବବୃହତ୍ ଭାଷା ପରିବାରର ନାମ ଲେଖ ।

ଚ) କେଲ୍‌ଟିକ୍ ଭାଷା ପୃଥିବୀର କେଉଁ ଭାଷା-ପରିବାରଭୁକ୍ତ ?

ଛ) ପୃଥିବୀରେ ପ୍ରଚଳିତ ଭାଷା ସମୂହକୁ ପ୍ରଧାନତଃ କେତେ ଭାଗରେ ବିଭକ୍ତ କରାଯାଇଥାଏ ?

ଜ) 'ବୀଚ୍-ଲା-ମାର୍' କହିଲେ କ'ଣ ବୁଝ ?

ଝ) କୌଣସି ବ୍ୟକ୍ତିବିଶେଷ ବା ପରିବାର ବିଶେଷରେ ବ୍ୟବହୃତ ଭାଷାକୁ କ'ଣ କୁହାଯାଏ ?

ଞ) ଓଡ଼ିଆ ଭାଷାର ଦୁଇଟି ଉପଭାଷାର ନାମ ଲେଖ ।

Part-II

୨. ନିମ୍ନୋକ୍ତ ଗୁଡ଼ିକର ଉତ୍ତର ପ୍ରତ୍ୟେକ ୫୦ ଶବ୍ଦ ମଧ୍ୟରେ ପ୍ରଦାନ କର : ୨ × ୯

କ) ଉପଭାଷା ସୃଷ୍ଟିର କାରଣାବଳୀ ଉଲ୍ଲେଖ କର ।

ଖ) ପ୍ରାମାଣିକ ଭାଷା କହିଲେ କ'ଣ ବୁଝ ?

ଗ) ରାଷ୍ଟ୍ରଭାଷା ସଂପର୍କରେ ଏକ ଭାଷାତାତ୍ତ୍ୱିକ ଟିପ୍ପଣୀ ଲେଖ ।

ଘ) ସ୍ୱୀକାର ସିଦ୍ଧାନ୍ତର ସ୍ୱରୂପ ଦର୍ଶାଇ ଏହାର ଦୁର୍ବଳତା ଗୁଡ଼ିକୁ ଉଲ୍ଲେଖ କର ।

ଙ) ଟା-ଟା ସିଦ୍ଧାନ୍ତ ସଂପର୍କରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖ ।

ଚ) ବାଲେଶ୍ୱରୀ ଓଡ଼ିଆ ଭାଷାର ଚାରୋଟି ବିଶେଷତ୍ୱ ଲେଖ ।

ଛ) ସେମିଟିକ୍ ପରିବାର ସଂପର୍କରେ ସଂକ୍ଷେପରେ ପରିଚୟ ଦିଅ ।

ଜ) 'ଭାଷା' କହିଲେ କ'ଣ ବୁଝ ? ନିଜ ଭାଷାରେ ବୁଝାଇ ଦିଅ ।

ଝ) ପାପୁଆ ପରିବାର ସଂପର୍କରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖ ।

Part-III

୩. ନିମ୍ନୋକ୍ତ ଯେ କୌଣସି ଆଠଗୋଟିର ଉତ୍ତର/ଟିପ୍ପଣୀ ପ୍ରତ୍ୟେକ ୨୫୦ ଶବ୍ଦ ମଧ୍ୟରେ ପ୍ରଦାନ କର : ୫ × ୮

କ) ଏକାକ୍ଷର ପରିବାର

ଖ) ଦୈବୀ ଉତ୍ପତ୍ତି ସିଦ୍ଧାନ୍ତର ସ୍ୱରୂପ ଓ ସୀମାବଦ୍ଧତା

ଗ) ସମନ୍ୱିତ ସିଦ୍ଧାନ୍ତ

ଘ) ଆଗ୍ନେୟ ପରିବାର

ଙ) ଭାଷାର ଲକ୍ଷଣାବଳୀ

ଚ) ଭାଷାର ପ୍ରବୃତ୍ତି

ଛ) ଇଣ୍ଡୋ-ଇଉରୋପୀୟ ଭାଷା ପରିବାରର ନାମକରଣ

ଜ) ମାନକ ଭାଷାର ସ୍ୱରୂପ

ଝ) ଉପଭାଷାର ସ୍ୱରୂପଗତ ବିଶେଷତ୍ୱ

ଞ) ଶ୍ରମ ଅପନୋଦନ ସିଦ୍ଧାନ୍ତ ।

Part-IV

୪. ନିମ୍ନୋକ୍ତ ଯେ କୌଣସି ଚାରୋଟିର ଉତ୍ତର ପ୍ରତ୍ୟେକ ୮୦୦ ଶବ୍ଦ ମଧ୍ୟରେ ପ୍ରଦାନ କର : ୮ × ୪

କ) ପୃଥିବୀର ସର୍ବବୃହତ୍ ଭାଷା ପରିବାରର ପରିଚୟ ପ୍ରଦାନ କର ।

ଖ) ମାନକ ଭାଷା ଓ ଉପଭାଷା ମଧ୍ୟରେ ତୁଳନା କରି ପରସ୍ପରର ସମ୍ପର୍କ ଦର୍ଶାଅ ।

ଗ) ଭାଷା ଉତ୍ପତ୍ତି ସଂକ୍ରାନ୍ତୀୟ ସର୍ବଶ୍ରେଷ୍ଠ ମତବାଦ କେଉଁଟି ? କେଉଁ କାରଣ ହେତୁ ତାହା ଅପେକ୍ଷାକୃତ ଅଧିକ ଗ୍ରହଣୀୟ ତୁଳନାତ୍ମକ ଭାବରେ ବୁଝାଇ ଦିଅ ।

ଘ) ଭାଷାର ସ୍ୱରୂପ ଦର୍ଶାଅ ।

ଙ) ପୃଥିବୀର ବିଭିନ୍ନ ଭାଷା ପରିବାର ମାନଙ୍କର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରି ଏକ ବିଭକ୍ତି କରଣ ପ୍ରଦାନ କର ।